ଧରିତ୍ରୀ
DHARITRI

DATE: 19.12.2017

# ନିସ୍‌ରେ ରାଜ୍ୟସ୍ତରୀୟ ବାଣିଜ୍ୟ ସମ୍ମିଳନୀ




ଭୁବନେଶ୍ୱର, ୧୮-୧୨

ସ୍ଥାନୀୟ ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନରେ ରାଜ୍ୟସ୍ତରୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ବାଣିଜ୍ୟ ଶିକ୍ଷାକୁ କିପରି ଅଧିକ ପ୍ରୟୋଗାତ୍ମକ କରାଯାଇପାରିବ ସେ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ସେହିଭଳି ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମ ଉପରେ ଉପସ୍ଥିତ ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନାଲ୍‌କୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଏସ୍.କେ. ତାମୋଟିଆ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ରଞ୍ଜନ ବଳ, ଓଏଚ୍‌ପିସି ବିତ୍ତ ନିର୍ଦ୍ଦେଶକ ଡ. ପ୍ରଭାକର ମହାନ୍ତି, ସନ୍ମାର୍ଗର ସାଧାରଣ ପରିଚାଳକ ଅଶୋକ ପଣ୍ଡା, ଫ୍ୟାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସନ୍ତୋଷ ସାହୁ, ଟିସିଏସ୍‌ର ରାଜ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଭିମନ୍ୟୁ କର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନିସ୍ ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ, ଡିନ୍ ଡ. ସ୍ମୃତିକାନ୍ତ ଦୀକ୍ଷିତ, ଉପନିର୍ଦ୍ଦେଶକ ଦୁଷ୍ମନ୍ତ ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।